# NATIONAL NEWS BULLETIN (ODIA)
## 28th November - 2024
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଅସନ୍ତାକାଲି ତିନିଦିନିଆ ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜି ମଧ୍ୟ ଦିନକପାଇଁ ମୁଲତବୀ ଘୋଷିତ ।
- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବରିଷ୍ଠ ନେତା ହେମନ୍ତ ସୋରେନ୍‌ଙ୍କ ଚତୁର୍ଥ ଥରପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ ।
- ୟୁକ୍ରେନ୍‌ର ଶକ୍ତିକ୍ଷେତ୍ର ଉପରେ ରୁଷ୍‌ର ଆକ୍ରମଣ ଯୋଗୁଁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ।

ଏବଂ

- ସୟଦ୍ ମୋଦି ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲେ ଭାରତର ପି.ଭି. ସିନ୍ଧୁ, ଉନ୍ନତି ହୁଡ୍ଡା ଓ ଶ୍ରୀୟାଂଶି ଭାଲିସେଟ୍ଟୀ ।

## ପି.ଏମ୍. - ଓଡ଼ିଶା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ବି.ଜେ.ପି.ର ବରିଷ୍ଠ ପଦାଧିକାରୀ, ବିଧାୟକ ଏବଂ ସାଂସଦମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆସନ୍ତା ଶନିବାର ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେବେ । ଶ୍ରୀ ମୋଦୀ ଡିସେମ୍ବର ପହିଲା ରବିବାର ଦିନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାର୍ଲାମେଣ୍ଟ - ଆଡ୍‌ଜର୍ଣ୍ଣଡ୍

ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ସଂସଦର ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଲୋକସଭାରେ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିଥିଲା । ଗୃହ ମଧ୍ୟଭାଗକୁ

ଆସି ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନମାନ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ବିରୋଧୀଙ୍କ ଏଭଳି ଆଚରଣକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସମାଲୋଚନା କରିଛନ୍ତି । ବିରୋଧୀ ସଦସ୍ୟ ଅନାବଶ୍ୟକ ଭାବେ ହଟ୍ଟଗୋଳ ସୃଷ୍ଟି କରି ନୂତନ ସଦସ୍ୟଙ୍କୁ ସେମାନଙ୍କ ମତାମତ ଦେବାକୁ ସୁଯୋଗ ଦେଉ ନାହାନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଇତିମଧ୍ୟରେ ୱାକଫ୍ ସଂଶୋଧନ ବିଲ୍-୨୦୨୪ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି ରିପୋର୍ଟ ଉପସ୍ଥାପନ ପାଇଁ ସମୟସୀମା ୨୦୨୫ ବଜେଟ୍ ଅଧିବେଶନର ଶେଷଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ଆଗତ ହୋଇଛି । ଅନ୍ୟପକ୍ଷରେ ଉପନିର୍ବାଚନରେ ବିଜୟୀ ହୋଇଥିବା କଂଗ୍ରେସର ପ୍ରିୟଙ୍କା ଗାନ୍ଧି ଭଦ୍ରା ଏବଂ ରବୀନ୍ଦ୍ର ବସନ୍ତରାଓ ଚୌହାନ୍ ଲୋକସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାବେଳେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ । ଅଧ୍ୟକ୍ଷ ଜଗଦୀପ୍ ଧନ୍‌ଖଡ୍ ଗୃହରେ ଫଳପ୍ରଦ ଆଲୋଚନାପାଇଁ ବିରୋଧୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଘଟି ନ ଥିଲା । ପରେ ଶ୍ରୀ ଧନ୍‌ଖଡ୍ ଦିନକପାଇଁ ଗୃହକୁ ମୁଲତବୀ

ଘୋଷଣା କରିଛନ୍ତି । ଏଭଳି କାର୍ଯ୍ୟ ଗଣତାନ୍ତ୍ରିକ ଭିତ୍ତିଭୂମିକୁ ଦୁର୍ବଳ କରୁଛି ବୋଲି ଶ୍ରୀ ଧନ୍‌ଖଡ୍ କହିଛନ୍ତି ।

## ରାଜ୍ୟସଭା - ପ୍ରଶ୍ନୋତ୍ତର

ରାଜ୍ୟସଭାରେ ବିରୋଧୀ ହଟ୍ଟଗୋଳ ମଧ୍ୟରେ ଆଜି କେତେକ ପ୍ରଶ୍ନ ଉପରେ ସରକାରଙ୍କ ପକ୍ଷରୁ ଲିଖିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦେଇଥିବା ସୂଚନା ଅନୁଯାୟୀ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ସମ୍ପ୍ରସାରଣ ପାଇଁ ଅନ୍ୟ ସଦସ୍ୟ ରାଷ୍ଟ୍ରଙ୍କଠାରୁ ସମର୍ଥନ ଯୋଗାଡ଼ କରିବାରେ ଭାରତ କାର୍ଯ୍ୟ କରୁଛି । ସ୍ଥାୟୀ ସଦସ୍ୟତାର ସମସ୍ତ ପ୍ରମାଣପତ୍ର ନୂଆଦିଲ୍ଲୀ ପାଖରେ ଅଛି ବୋଲି ସେ କହିଛନ୍ତି । ଏଥିପାଇଁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି । ଜାତିସଂଘ ନିରାପତ୍ତା ପରିଷଦର ବ୍ୟାପକ ସଂସ୍କାରକୁ ବହୁ ଦେଶ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି ।

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି, ଗତ ଜୁଲାଇ ମାସରେ ପାକିସ୍ତାନ ଦେଇଥିବା ତଥ୍ୟ ଅନୁଯାୟୀ ୨୧୧ ଜଣ ଭାରତୀୟ ମତ୍ସ୍ୟଜୀବୀ ତାଙ୍କ ହେପାଜତରେ ଅଛନ୍ତି । ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଏବଂ ବିମାନଗୁଡ଼ିକ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖାରେ ତୀକ୍ଷ୍ଣ ନଜର ରଖିବା ସହିତ ଭାରତୀୟ ମାଛଧରା ଡଙ୍ଗାଗୁଡ଼ିକୁ ଦେଶର

ଜଳସୀମା ଆଡ଼କୁ ମାର୍ଗଦର୍ଶନ କରୁଛନ୍ତି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

ଭାରତ ଓ କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଉତ୍ତର ରଖି ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଯୋଗାଯୋଗ ରହିଛି । ପାରସ୍ପରିକ ସହଯୋଗ, ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ପ୍ରତି ସମ୍ମାନ ଦ୍ୱିପାକ୍ଷିକ ସମ୍ପର୍କରେ ପ୍ରାଥମିକତା ରହିଛି । ଭାରତ ବିରୋଧୀ ଗୋଷ୍ଠୀଙ୍କ ବିରୋଧରେ ତୁରନ୍ତ ଏବଂ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କାନାଡ଼ା ସରକାରଙ୍କୁ ଅନୁରୋଧ କରିଛି । କାନାଡ଼ା କର୍ତ୍ତୃପକ୍ଷ ଭାରତୀୟ କୂଟନୀତିଜ୍ଞ ଏବଂ କୂଟନୈତିକ ସମ୍ପର୍କକୁ ସୁରକ୍ଷା ପ୍ରଦାନ କରିବାରେ ସକ୍ଷମ ଥିବାବେଳେ ନିକଟରେ ଏନେଇ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ପ୍ରକାଶ କରିଥିଲେ । ଫଳରେ ପାସ୍‌ପୋର୍ଟ ସମ୍ବନ୍ଧୀୟ ସେବା ପ୍ରଦାନ କରିବାରେ ଶିବିରମାନ ଆୟୋଜନ କରିବା ସମ୍ଭବ ହୋଇ ନ ଥିଲା ବୋଲି ମନ୍ତ୍ରୀ ଶ୍ରୀ ସିଂହ ଗୃହରେ ସୂଚନା ଦେଇଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ହିନ୍ଦୁ ତଥା ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଉପାସନା ସ୍ଥଳଗୁଡ଼ିକର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଭାରତ ବାଂଲାଦେଶକୁ ଆହ୍ୱାନ ଦେଇଛି । ସେ ଆହୁରି କହିଛନ୍ତି, ଇସ୍ରାଏଲ୍‌ରେ ପ୍ରାୟ ୩୨ ହଜାର ଭାରତୀୟ ଶ୍ରମିକ ରହିଛନ୍ତି । ତେବେ ସେମାନଙ୍କ ମଧ୍ୟରୁ ଭାଷା ପ୍ରତିବନ୍ଧକ ଏବଂ ଦକ୍ଷତାର ଅସମାନତା କାରଣରୁ

୨୨୦ ଜଣ ଶ୍ରମିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

## ଲୋକସଭା - ପ୍ରଶ୍ନୋତ୍ତର

ଲୋକସଭାରେ ମଧ୍ୟ ଆଜି ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସରକାରଙ୍କ ପକ୍ଷରୁ କେତେକ ପ୍ରଶ୍ନର ଲିଖିତ ଉତ୍ତର ପ୍ରଦାନ କରାଯାଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇ ଦ୍ରୁତଗାମୀ ଟ୍ରେନ୍‌ର ନକ୍ସା ପ୍ରସ୍ତୁତି ଏବଂ ଉତ୍ପାଦନ ଆରମ୍ଭ କରିଛି । ଏହି ଟ୍ରେନ୍‌ର ଘଣ୍ଟାପ୍ରତି ବେଗ ୨୮୦ କିଲୋମିଟର ରହିବ । ଟ୍ରେନ୍‌ରେ ଅଣସଂରକ୍ଷିତ ବଗି ବନ୍ଦ୍ କରିବାକୁ ରେଳବାଇର କୌଣସି ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ସାଧାରଣ ବର୍ଗ ଏବଂ ସ୍ଲିପର୍ କ୍ଲାସ୍ ସମେତ ୧୦ ହଜାର ଅଣବାତାନୁକୂଳିତ କୋଚ୍ ନିର୍ମାଣ କରିବାକୁ ଯୋଜନା ରଖିଛି ବୋଲି ସେ କହିଛନ୍ତି । ସେହିଭଳି ବନ୍ଦେ ଭାରତ ଟ୍ରେନ୍‌ର ଗତି ହ୍ରାସ କରିବାକୁ କୌଣସି ପ୍ରସ୍ତାବ ନାହିଁ ବୋଲି ସେ କହିଛନ୍ତି ।

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଛନ୍ତି, ଉଜ୍ଜ୍ୱଳା ଯୋଜନାରେ ଏଲ୍.ଇ.ଡି. ବଲ୍‌ବ ବଣ୍ଟନଦ୍ୱାରା ବାର୍ଷିକ ୧୯ ହଜାର କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରୁଛି ।

ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରାୟ ୧ ଲକ୍ଷ ୪୭ ହଜାର କୋଟି ବ୍ୟୟରେ ୭ ହଜାର ୩୫୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି ସ୍ୱରାଷ୍ଟ୍ର ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଲୋକସଭାରେ ସୂଚନା ଦେଇଛନ୍ତି ।

## ଝାଡ଼ଖଣ୍ଡ ସି.ଏମ୍. - ସ୍ୱିୟରିଙ୍ଗ୍-ଇନ୍

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବରିଷ୍ଠ ନେତା ହେମନ୍ତ ସୋରେନ୍ ଆଜି ଚତୁର୍ଥ ଥରପାଇଁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରାଞ୍ଚିର ମୋର୍‌ହାବାଡ଼ି ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର୍ ଶ୍ରୀ ସୋରେନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଚନ୍ତି । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଞ୍ଜାବ ମୁଖ୍ୟମନ୍ତ ଭଗୱାନ୍ତ ମାନ୍, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ସମାଜବାଦା ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ, ସି.ପି.ଆଇ. ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ

ହେମନ୍ତ ସୋରେନ୍ ବିଧାନସଭାରେ ଆସ୍ଥା ଭୋଟ୍ ଲୋଡ଼ିବେ ଏବଂ ତାହାପରେ ମନ୍ତ୍ରିମଣ୍ଡଳ ସଦସ୍ୟ ଶପଥ ଗ୍ରହଣ କରିବେ । ସୂଚନାଯୋଗ୍ୟ, ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଇଣ୍ଡି ମେଣ୍ଟ ୫୬ଟି ଆସନରେ ବିଜୟୀ ହୋଇଥିବାବେଳେ ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ. ୨୪ଟି ଏବଂ ଝାଡ଼ଖଣ୍ଡ ଗଣତାନ୍ତ୍ରିକ କ୍ରାନ୍ତିକାରୀ ମୋର୍ଚ୍ଚା ଗୋଟିଏ ଆସନ ଅକ୍ତିଆର କରିଛନ୍ତି ।

## ପି.ଏମ୍. - କଲ୍‌ଚର୍

ଭାରତୀୟ ଇତିହାସ ଓ ସଂସ୍କୃତି ପ୍ରତି ବିଶ୍ୱସ୍ତରୀୟ ଉତ୍ସାହକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ତୋଷ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଭାରତୀୟ ସଂସ୍କୃତି ବିଶ୍ୱ ସ୍ତରରେ ପ୍ରତିଫଳିତ ହେଉଛି । ତାଙ୍କ ବିଦେଶ ଗସ୍ତର ଅଭିଜ୍ଞତାକୁ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଇତିହାସ ଓ ସଂସ୍କୃତି ପ୍ରତି ବିଦେଶରେ ମିଳୁଥିବା ଉତ୍ସାହ ଅତ୍ୟନ୍ତ ଆନନ୍ଦଦାୟକ ।

## ରୁଷ୍ - ୟୁକ୍ରେନ୍

ୟୁକ୍ରେନ୍‌ର ଶକ୍ତିକ୍ଷେତ୍ର ଉପରେ ରୁଷ୍‌ର ଆକ୍ରମଣ ଯୋଗୁଁ ୧୦ ଲକ୍ଷରୁ ଅଧିକ ଲୋକ ବିଦ୍ୟୁତ୍‌ସେବାରୁ ବଞ୍ଚିତ ହୋଇଛନ୍ତି । ୩ଟି ପଶ୍ଚିମାଞ୍ଚଳ ସମେତ ୟୁକ୍ରେନ୍‌ର ଅତି କମ୍‌ରେ ୧୨ଟି ଅଞ୍ଚଳ ଏହି ଆକ୍ରମଣରେ ପ୍ରଭାବିତ ହୋଇଛି । ୟୁକ୍ରେନ୍ ଶକ୍ତି ମନ୍ତ୍ରୀ ହରମାନ୍ ହାଲୁଶ୍‌ଚେଙ୍କୋ କହିଛନ୍ତି, ଜରୁରୀକାଳୀନ ବିଜୁଳି ସେବାକୁ ବନ୍ଦ୍ ରଖିବାକୁ ପଦକ୍ଷେପ ନିଆଯାଇଛି । ଅନ୍ୟପକ୍ଷରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ କହିଛନ୍ତି, ପାଶ୍ଚାତ୍ୟ ଅସ୍ତ୍ରଶସ୍ତ୍ରଦ୍ୱାରା ୟୁକ୍ରେନ୍ ପକ୍ଷରୁ ରୁଷ୍ ଉପରେ ହୋଇଥିବା ଆକ୍ରମଣର ଜବାବ ଦିଆଯାଇଛି ।

## ସୟଦ୍ ମୋଦି ଟୁର୍ଣ୍ଣାମେଣ୍ଟ

ସୟଦ୍ ମୋଦି ଭାରତ ଆନ୍ତର୍ଜାତିକ-୨୦୨୪ ସୁପର-୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ର କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟକୁ ପି.ଭି. ସିନ୍ଧୁ, ଉନ୍ନତି ହୁଡା ଏବଂ ଶ୍ରୀୟାଂଶୀ ଭାଲିସେଟ୍ଟୀ ମହିଳା ଏକକ ବର୍ଗରେ ଉନ୍ନୀତ ହୋଇଛନ୍ତି । ଲକ୍ଷ୍ନୌଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ୍‌ର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପି.ଭି. ସିନ୍ଧୁ' ଇରା ଶର୍ମାଙ୍କୁ ଏବଂ ଉନ୍ନତି ହୁଡ଼ା ଥାଇଲାଣ୍ଡର

ପର୍ଣ୍ଣପିଚା ଚୋଇକେଓଙ୍ଗ'ଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ମାଳବିକା ବଂଶୋଦ'ଙ୍କୁ ପରାସ୍ତ କରି ଶ୍ରୀୟାଂଶୀ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍, ମଇରାବା ଲୁଓ୍ୱାଙ୍ଗ୍ ମୈଷ୍ଣମ୍ ଏବଂ ଆୟୁଷ ସେଟ୍ଟୀ ଶେଷ ୮ ଜଣ ଖେଳାଳୀଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି । ଆସନ୍ତାକାଲି ପୁରୁଷ ଏକକ ବର୍ଗରେ କ୍ୱାର୍ଟର୍ ପାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହେବ ।

ମହିଳା ଡବଲ୍‌ସ୍‌ରେ ତନିଶା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି କ୍ୱାର୍ଟାର୍ ପାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

## ରୋହିତ - ଇଣ୍ଡିଆ ଅଷ୍ଟ୍ରେଲିଆ

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସମ୍ପର୍କ ଦୃଢ଼ ଅଛି ବୋଲି ଭାରତୀୟ କ୍ରିକେଟ୍ ଖେଳାଳି ରୋହିତ ଶର୍ମା କହିଛନ୍ତି । କାନ୍‌ବେରା ସ୍ଥିତ ଅଷ୍ଟ୍ରେଲିଆ ଫେଡେରାଲ୍ ସଂସଦ ଭବନରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଶ୍ରୀ ଶର୍ମା ଏହା କହିଛନ୍ତି । ଚଳିତ କ୍ରିକେଟ୍ ଶୃଙ୍ଖଳାରେ ଭାରତ ବିଜୟ ଧାରା ବଜାୟ ରଖିବ ବୋଲି ଶ୍ରୀ ଶର୍ମା ଆଶା ପ୍ରକଟ କରିଛନ୍ତି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍ ଏହି ସମାରୋହରେ ଯୋଗ ଦେଇଥିଲେ । ଭାରତୀୟ କ୍ରିକେଟ୍ ଦଳ ଆଜି ସକାଳେ ପର୍ଥରୁ ବାହାରି

କାନ୍‌ବେରାରେ ପହଞ୍ଚିଛନ୍ତି । ଭାରତୀୟ ଦଳ ଆସନ୍ତା ଶନିବାର ଓଭାଲ୍‌ର ମନୁକାଠାରେ ପ୍ରଧାନମନ୍ତ୍ରୀ-ଏକାଦଶ ଦଳ ବିପକ୍ଷରେ ଦିବାରାତ୍ର ମ୍ୟାଚ୍ ଖେଳିବ । ସୂଚନାଯୋଗ୍ୟ, ଚଳିତ ବର୍ଡ଼ର ଗାଭାସ୍କର ଟ୍ରଫି ପାଞ୍ଚଟିକିଆ ଟେଷ୍ଟ କ୍ରିକେଟ୍ ସିରଜ୍‌ର ପର୍ଥଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୨୯୫ ରନ୍‌ରେ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ୬ ତାରିଖରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ ।

*****